# Akashvani, Sambalpur

## SAMBALPURI NEWS EVENING BULLETIN

## 25 August 2026-7.02- 7.12 pm.

---

୧- ଭାରତ୍‌ର ଡିଜିଟାଲ୍ ଲେନ୍‌ଦେନ୍ କ୍ଷେତ୍ରଥି ୟୁ.ପି.ଆଇ. ବୈପ୍ଳବିକ୍ ପରିବର୍ତ୍ତନ୍ ଆନିଛେ- ୧୦ ବଛର୍ ପୂର୍ତ୍ତି ଅବ୍‌ସରେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଜ୍ୟର୍ ବିକାଶ୍ ଲାଗି ଆର୍ଥିକ୍ ଅଭିବୃଦ୍ଧି ଆଉ ଯୁଆନ୍ ପିଢ଼ିଙ୍କର୍ ସକ୍ରିୟ ଯୋଗଦାନ୍‌କେ ଆବଶ୍ୟକତା ରହିଛେ - କହେଲେ ରାଜ୍ୟପାଲ୍ ।

୩- ଆଏବା ମାସ ୨୨ ତାରିଖ୍‌ନୁ ମୁଲ୍ ହେବା ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ।

ଆଉର୍

୪- ଲଘୁଚାପ୍‌ର ପ୍ରଭାବ୍‌ଥି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍ ଜିଲ୍ଲା ନ ହେଇପାରେ ଜବର୍ ବର୍ଷା ।

ୟୁ.ପି.ଆଇ.        ଆର୍‌ଏନ୍‌ୟୁ/ କଟକ୍

ଭାରତନେ ସାର୍ବଜନୀନ ଡିଜିଟାଲ୍ ଆର୍ଥିକ କାରବାର୍ - ୟୁ.ପି.ଆଇ. ୧୦ ବଛର୍ ପୁରା କରିଛେ । ଗଲା ଦଶନ୍ଧିଥି ୟୁ.ପି.ଆଇ. ଭାରତର ଡିଜିଟାଲ୍ ଲେନ୍‌ଦେନ୍ କ୍ଷେତ୍ରଥି ବୈପ୍ଳବିକ୍ ପରିବର୍ତନ୍ ଆନିଛେ । ଇଟା ଭାରତର ଡିଜିଟାଲ୍ ପେମେଂଟ୍ ବ୍ୟବସ୍ଥାର ମେରୁଦଣ୍ଡ ହେବାର୍ ସହେତେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ଗୁଟେ ମୁଖିଆ ଚାଲକ ହିସାବେ ଉଭା ହେଇଛେ ।

ଇ ଅବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରି କରି ସାମାଜିକ୍ ଗଣମାଧ୍ୟମ ପୋଷ୍ଟଥି କହିଛନ୍, ଭାରତର ଡିଜିଟାଲ୍ ଲେନ୍‌ଦେନ୍ ଯାତ୍ରା ନ ୟୁପିଆଇ ଗୁଟେ ଗୁରୁତ୍ୱପୂର୍ଣ୍ଣ ପରିବର୍ତନ୍ ଆନିଛେ । ଦେଶବାସୀକୁଁ ସେମାନକର୍ ୟୁପିଆଇ ବାବଦ୍ ଅନୁଭବ୍ ବାଂଟବାର୍ ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ସେ କହିଛନ୍ ଫି ଭାରତୀୟ ୟୁପିଆଇର ସଫଲ୍‌ତାକେ ନେଇ କରି ଗରବ୍ ଅନୁଭବ୍ କରବାର୍ ଦରକାର୍ ।

୨୦୧୬-୧୭ ଆର୍ଥିକ ବଛରେ ବାର୍ଷିକ କାରବାର୍ ୧ କୋଟି ୭୮ ଲାଖ୍ ହେଇଥିବାର୍ ବେଲ୍‌କେ ଗଲା ଆର୍ଥିକ ବଛ୍‌ରେ ଇଟା ବଢି କରି ୨୪ ହଜାର ଶହେ ୨୬ କୋଟି ଟଙ୍କାନୁ ଅଏତ୍‌କା ହେଇଛେ ।

ଇ ଅବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍, ୟୁ.ପି.ଆଇ. ବ୍ୟବସ୍ଥା ଲାଗି ଟଙ୍କା କାରବାର୍ ଜଲ୍‌ଦି ଆର୍ ସୁବିଧାଜନକ ହେଇପାରିଛେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୂରଦର୍ଶୀ ନେତୃତ୍ୱନେ ୟୁ.ପି.ଆଇ. ଡିଜିଟାଲ୍ ଲେନ୍‌ଦେନ୍‌କେ ଦୈନନ୍ଦିନ ଜୀବନର ଗୁଟେ ସହଜ୍ ଆରୁ ସବୁବେଲର ଅଂଶ ହେଇପାରିଛେ ।

ରାଜ୍ୟପାଲ୍            ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ବିକାଶ୍ ଲାଗି ଆର୍ଥିକ୍ ଅଭିବୃଦ୍ଧି ଆଉ ୟୁଆନ୍ ପିଢ଼ିଙ୍କର୍ ସକ୍ରିୟ ଯୋଗଦାନ୍‌କେ ଆବଶ୍ୟକତା ରହିଛେ  ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଓଡ଼ିଶାର୍ ଭବିଷ୍ୟତ୍ ଗଠନ୍ ଲାଗି ସମ୍‌କର୍ ମିଲିତ୍ ଚେଷ୍ଟା ଉପ୍‌ରେ ସେ ଜୋର୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ନୁ ପ୍ରକାଶିତ୍ ଓଡ଼ିଆ ଦୈନିକ୍ ସମ୍ବାଦପତ୍ର ତର୍‌ଫୁ ଆୟୋଜିତ ଓଡ଼ିଶା ଅଭ୍ୟୁଦୟ  କନ୍‌କ୍ଲେଭ୍ -୨୦୨୬ ର ଉଦ୍‌ଘାଟନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ବିକଶିତ୍ ଓଡ଼ିଶା - ୨୦୩୬ ଦିଗେ ଆଗ୍‌କେ ବଢୁଥିବାର୍ ସମିଆଥି ଇ ଦୁଇଦିନିଆ

କନ୍କ୍ଲେଭ୍ ସମିଆ ଉପଯୋଗୀ ଆଉ ପ୍ରସଙ୍ଗିକ ଆଏ । ଶିକ୍ଷାକେ ବିକାଶ୍‌ର ପ୍ରମୁଖ ପ୍ରାଥମିକତା ଭାବେ ନେଇକରି ଜ୍ଞାନ୍, ଗବେଷଣା, ନବୀକରଣ୍, ଆଉ ନେତୃତ୍ୱ ଉପ୍‌ରେ କେନ୍ଦ୍ରୀତ ଉତ୍କର୍ଷ କେନ୍ଦ୍ର ବନାବାର୍‌କେ ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ କେନ୍‌ସର୍ କେୟାର୍ ଯୋଜନାଆର୍‌ଏନ୍‌ୟୁ/ ସମ୍ବଲପୁର

ଆୟୁଷ୍ମାନ ଯୋଜନା ଅଧୀନଥି ୯୧ ଟା ନୂଆ କର୍କଟ ଚିକିତ୍ସା ପ୍ୟାକେଜ୍ ସାମିଲ୍ କରାଯାଇଛେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ । ଇତାର୍ ସହେତେ ୩୧୧ କୋଟି ଟଙ୍କା ଖର୍ଚ୍ଚାଥି ମୁଖ୍ୟମନ୍ତ୍ରୀ କ୍ୟାନ୍ସର କେୟାର୍ ଯୋଜନା ମୁଲ୍ କରାଯାଇଛେ । କଟକ ନ ଥିବାର୍ ଆଚାର୍ଯ୍ୟ ହରିହର ସ୍ନାତକୋତର କର୍କଟ ରୋଗ ଅନୁଷ୍ଠାନ ଯାଇ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥାର ତଦାରଖ କରିଛନ୍ । ଇ ଅବସରେ ସେ ରୋଗୀମାନଙ୍କୁଁ ଉନ୍ନତ ସ୍ୱାସ୍ଥ୍ୟସେବା ଦେବାର୍, ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ବାବଦେ ଅଧିକାରୀମାନକର୍

ସାଙ୍ଗେ ଆଲୋଚନା କରିଛନ୍ । ରୋଗୀମାନେ ଯେନ୍ତା ତୃଣମୂଳ ସ୍ତର ନ ସରକାରଙ୍କର ସବୁ ଯୋଜନାର ଲାଭ୍ ଉଠାଇ ପାରବେ, ସେଥିଲାଗି ଅଧିକାରୀମାନଙ୍କୁଁ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ଗଞ୍ଜାମ୍     ଗଞ୍ଜାମ୍ ସମ୍ବାଦଦାତା

ଆଏବା ୨୭ ତାରିଖ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୋପାଲ୍ପୁର୍ ଗଞ୍ଜାମ୍ ଗସ୍ତଥି ଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାକେ ନଜର୍ଥି ରଖିକରି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ଧବଳେଶ୍ୱର୍ ମନ୍ଦିର୍ ପରିସର୍ ଆଉ ଗୋପାଲ୍ପୁର୍ ଆର୍ମି ଏୟାର୍ ଡିଫେନ୍ସ କଲେଜ୍ ପରିସର୍ ନ ପ୍ରସ୍ତୁତି ଆଉ ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ହେଲିପେଡ୍, ସୁରକ୍ଷା, ଯା'ଆସ୍, ଆଉ ଜରୁରୀ ଆନୁସଙ୍ଗିକ୍ ବ୍ୟବସ୍ଥା ମାନ୍କୁ ଠିକ୍ ଭାବେ କର୍ବାର୍ ଉପ୍ରେ ମନ୍ତ୍ରୀ ଜୋର୍ ଦେଇଛନ୍ ।

ମନ୍ କି ବାତ୍     ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୮ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ମୌସୁମୀ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆଏବା ମାସ ୨୨ ତାରିଖନୁ ମୁଲ୍ ହେବା । ଅଧିବେଶନ ସମିଆଥି ୯ ଟା କାର୍ଯ୍ୟଦିବସ ରହିବା । ଇତାର୍ ସହେତେ ଭିନ ଭିନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା । ଗୁଟେ ଛୁଟିଦିନ ରହିଥିବାର୍ ବେଲ୍‌କେ ଦୁଇଟା 'ନୋ ମିଟିଙ୍ଗ୍ ଡେ' ରହିଛେ । ଅଧିବେଶନ୍ ଅକ୍ଟୋବର ମାସ ୩ ତାରିଖ ତକ୍ ଚାଲ୍‌ବା ।

ଶ୍ରାବଣ୍ ଆଇ.ଆଣ୍ଡ୍.ପି.ଆର୍

ପବିତ୍ର ଶ୍ରାବଣ୍ ମାସେ ରାଜ୍ୟର୍ ଭିନ୍ ଭିନ୍ ଶୈବପୀଠମାନ୍‌କେ ଭକ୍ତମାନ୍‌କର୍ ସୁରକ୍ଷିତ୍ ଦର୍ଶନ୍ ଆଉ ଭିଡ଼୍ ପରିଚାଳନା ଲାଗି ଓଡ଼ିଶା ପୁଲିସ୍ ତର୍‌ଫୁ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଶ୍ରାବଣ୍ ମାସର୍ ୪ ଟା ସୋମ୍‌ବାର୍‌ଥି ୩୫ ଟା ପୁଲିସ୍‌ଜିଲ୍ଲାର୍ ୪ ଶହ ୫୨ ଟା ପ୍ରମୁଖ୍ ଶୈବପୀଠ ନ ୩୪ ଲାଖ୍ ନୁ ଅଏତ୍‌କା ଭକ୍ତ ସୁରକ୍ଷିତ୍ ଭାବେ ଦର୍ଶନ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରାବଣ୍ ମାସ୍‌କେ ନଜର୍‌ଥି ରଖିକରି ସୁରକ୍ଷା, ଭିଡ଼୍ ଆଉ ଯା'ଆସ୍ ପରିଚାଳନା

ଲାଗି ସାରା ରାଏଜେ ବ୍ୟାପକ୍ ପ୍ରସ୍ତୁତି କରାଯାଇଥିଲା । ମେଲା ସମିଆଥି କେନ୍‌ସି ଇଲାକା ନ ବଡ଼ ଧରଣ୍‌ର ଆଇନ୍ ଶୃଙ୍ଖଲା ସମସ୍ୟା କି ଦଲାଚକ୍‌ଟା ବାଗିର୍ ଅଘଟନ୍ ନାଇଁ ହେଇ । ସୁଚିନ୍ତିତ୍ ଯୋଜ୍‌ନା, ଭିନ୍ ଭିନ୍ ରେଞ୍ଜ୍ ଭିତ୍‌ରେ ତାଲ୍‌ମେଲ୍ ଆଉ ଭକ୍ତମାନ୍‌କର୍ ସହଯୋଗ୍ ଲାଗି ଶ୍ରାବଣ୍ ମାସର୍ ଚାର୍‌ହି ସୋମ୍‌ବାର୍ ଶୃଙ୍ଖଲିତ୍ ଭାବେ ଶେଷ୍ ହେଇଛେ ବଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର କହିଛନ୍ ।

ପୁରୀ - ରଥଭଙ୍ଗା          ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀନେ ରଥଯାତ୍ରା ଶେଷ୍ ହେଇଥିବାର୍ ବେଲେ ଶ୍ରୀମନ୍ଦିର ସିଂହଦ୍ୱାର ଆଗାଡ଼େ ଥିବା ତିନ୍‌ହିରଥର୍ ଭାଙ୍ଗ୍‌ବାର୍ କାମ ଆଏଜ୍‌ଠାନୁ ମୁଲ୍ ହେଇଛେ । ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ ଅନ୍‌ସାରେ ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କର ଦେଖ୍‌ରେଖ୍‌ଥି ଭୋଇ ସେବକମାନେ ଇ କାମ ମୁଲ୍ କରିଛନ୍ । ସେଆଡ଼େ ବିଧି ପରମ୍ପରା ଅନୁସାରେ ପହେଲା ସୁଭଦ୍ରାଙ୍କର

ଦର୍ପଦଳନ ରଥ ଭାଙ୍ଗ୍‌ବାର୍ କାମ ମୁଲ୍ ହେଇଛେ । ତାର୍‌ଉତ୍‌ରୁ ପ୍ରଭୁ ବଳଭଦ୍ରଙ୍କର ତାଳଧ୍ୱଜ ଆର୍ ସବାଶେଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଭଙ୍ଗାଯିବା ବଲି ଆମର ସମ୍ବାଦଦାତା ଜନେଇଛନ୍ ।

ରଘୁନାଥ ପାଣିଗ୍ରାହୀ ପୁଣ୍ୟତିଥି                ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶୀ ସଙ୍ଗୀତ, ଜଗନ୍ନାଥ ସଂସ୍କୃତି ଆଉ ଜୟଦେବଙ୍କର ଗୀତଗୋବିନ୍ଦର ପ୍ରଚାର୍ ପ୍ରସାର୍ କ୍ଷେତ୍ରଥି ପ୍ରସିଦ୍ଧ କଣ୍ଠଶିଳ୍ପୀ ପଦ୍ମଶ୍ରୀ ରଘୁନାଥ ପାଣିଗ୍ରାହୀଙ୍କର ଉଲ୍ଲେଖନୀୟ ଅବଦାନ ରହିଛେ । ଆଏଜ୍ ତାଙ୍କର ପୁଣ୍ୟତିଥି ଅବ୍‌ସରେ ସାରା ରାଏଜେ  ଶ୍ରଦ୍ଧାଞ୍ଜଳି ଦିଆଯାଉଛେ । ସ୍ୱର୍ଗତ ପାଣିଗ୍ରାହୀଙ୍କର ୨୦୧୩ ମସିହା ଆଝିର ଦିନେ ପରଲୋକ ହେଇଥିଲା । ତାଙ୍କର ସୁମଧୁର ଗାୟିକୀ ଲାଗି ସେ 'ସୁରମଣି' ଭାବେ ପରିଚିତ ଥିଲେ । ୨୦୧୦ ମସିହାଥି ତାଙ୍କୁ ପଦ୍ମଶ୍ରୀ ସମ୍ମାନଥି ସମ୍ମାନିତ କରାଯାଇଥିଲା ।ତାଙ୍କର ପୁଣ୍ୟତିଥି ଅବସରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରଘୁନାଥ

ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ୍ କରି କହିଛନ୍, ଓଡ଼ିଆ ସଙ୍ଗୀତ ଆଉ ସଂସ୍କୃତିକେ ସମୃଦ୍ଧ କରବାରଥି ତାଙ୍କର ଅମୂଲ୍ୟ ଅବଦାନ ସବୁବେଲେ ସୁର୍‌ତା ହେଇକରି ରହେବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଏନ୍.ଏ.ସି. - ପୁରସ୍କାର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଜ୍ଞପିତ ଅଂଚଳ ପରିଷଦକେ ଉଲ୍ଲେଖନୀୟ କାମ ଲାଗି ରାଜ୍ୟସ୍ତର ନ ପୁରସ୍କୃତ କରାଯିବା । ଆଏବା ସ୍ୱାୟତ ଶାସନ ଦିବସ ଅବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ କୋଟି ଟଙ୍କାର ଆର୍ଥିକ ସାହାଜ୍ ପ୍ରଦାନ କରବେ ।

ବନ୍ୟା/ପାଣିପାଗ/ହୀରାକୁଦ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍

ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଇଟା ଉତର୍ ପଶ୍ଚିମ୍ ଦିଗ୍‌କେ ଯିବାର୍ ସମ୍ଭାବନା ଅଛେ । ଇଟାର୍ ପ୍ରଭାବ୍‌ଥି ସମ୍ବଲପୁର, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲା ୨୪ ଘଂଟା ଭିତ୍‌ରେ ଦେବ୍‌ଗଡ଼୍ ଜିଲ୍ଲାର୍ ବାର୍‌କୋଟ ଠାନେ ସବୁନୁ ଜହ ଶହେ ୬୨ ଦଶ୍‌ମିକ୍ ୨ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ରାଏଜେ ଲଘୁଚାପ୍‌ର ପ୍ରଭାବ୍‌ଥି ଲଗାଏତ୍ ବର୍ଷାର୍ ଲାଗି ଭିନ୍ ଭିନ୍ ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ସେନ୍ତା କଲାହାଣ୍ଡି ଜିଲ୍ଲା ନ ହାତୀ ଆଉ ତେଲ୍ ନଦୀ ନ ଭିଲ୍ ବଏଢ଼୍ ସ୍ଥିତି ଦେଖ୍‌ବାର୍‌କେ ମିଲିଛେ । ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଭୁବ୍‌ନେଶ୍ୱର୍ ନ ବନ୍ୟା ପରିସ୍ଥିତି ଆଉ ଲଗାଏତ୍ ବର୍ଷାକେ ନେଇକରି ସାମ୍ବାଦିକ୍ ସମ୍ମିଳନୀଥି ସୂଚ୍‌ନା ଦେଇକରି କହିଛନ୍, ଭିନ୍ ଭିନ୍ ନଦୀ ନ ଜଲ୍‌ସ୍ତର୍ କମ୍‌ବାର୍‌କେ ଲାଗିଛେ । ଅପର୍ କୋଲାବ୍, ବାଲିମେଳା, ମାଛକୁଣ୍ଡ, ଇନ୍ଦ୍ରାବତୀ, ସାଳନ୍ଦୀ, ଲୋୟର୍ ସୁକ୍‌ତେଲ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ କମ୍‌ବାର୍ ସହେତେ ସ୍ୱାଭାବିକ୍ ଭାବେ ପାଏନ୍ ଛଡ଼ାଯାଉଛେ । ଆଏବା ୨୪ ଘଂଟା ଭିତ୍‌ରେ କେନ୍‌ସି ପ୍ରକାରର୍ ବିପଦ୍ ନାଇଁଥିବା ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ ପୂଜାରୀ)

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଜର ୬ ବଜେତକ୍ ୬ ଶହ ୨୨ ଦଶ୍‌ମିକ୍ ୯/୩ ଫୁଟ୍ ରହିଥିଲା । ଇହାଦେ ୧୬ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୨ ଲାଖ୍ ୮୯ ହଜାର୍ ୨ ଶହ ୯୯ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୩ ଲାଖ୍ ୧୧ ହଜାର୍ ୩ ଶହ ୯୦ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।

ବନ୍ୟା ପ୍ରଭାବିତ୍ ଇଲାକାମାନ୍‌କେ ଜଲବନ୍ଦୀ ଇଲାକାର୍ ଭିନ୍ ଭିନ୍ ଜାଗା ନ ସାଁପ୍ ଚାବ୍‌ବାର୍ ଲାଗି ୬ ଝନ୍‌କର୍ ଜୀବନ୍ ଯାଇଥିବାର୍ ଜନାପଡ଼ିଛେ । ସେଥିର୍‌ଭିତ୍‌ରୁ ରାଉର୍‌କେଲା ଚାନ୍ଦିପୋଷ୍ ଥାନା ହାତୀଓଡ଼ା ଗାଁର୍ ୨ ଝନ୍, ବଣେଇ ଟିକାୟତ୍‌ପାଲି ଥାନା ଭୂଇଁସାହିର୍ ୨ ଝନ୍ କର୍ ଜୀବନ୍ ଯାଇଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।